# ଓଡିଶା ସରକାର

## ରାୟଗଡ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

## <u>ଅଧିସୂଚନା</u>

ନଂ. - ୮୯୩ ଡା: ୨୪/୦୬/୨୦୨୬ ରିଖ

ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ରାୟଗଡ ଜିଲ୍ଲାର ରାଣ୍ଡିକଣା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା–ବଡାପଡି, ଥାନା-ଚାନ୍ଦିଲି, ତହସିଲ-କୋଲନରା, ଜିଲ୍ଲା- ରାୟଗଡରେ ନିମ୍ନ ତଫସିଲ ମତେ ପ୍ରାୟ ରକବା ୪.୦.୦୮ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍ ୨୦୧୩ (RFCTLAR&R Act, 2013) ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, ୨୦୧୩ ର ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ରାୟଗଡ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

## ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧) ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ :- ରାଣ୍ଡିକଣା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ ।

୨) ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ :- ନିର୍ବାହୀ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ, ରାୟଗଡ଼ ।

୩) କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ:- ଏହି ପ୍ରକଳ୍ପ ଦ୍ୱାରା କୌଣସି ଲୋକ ବିସ୍ଥାପିତ ହେବା ଆବଶ୍ୟକ ହେଉନାହିଁ ।

୪) ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ:- ଉକ୍ତ ପ୍ରକଳ୍ପ ପାଇଁ SIA STUDY VIDE NO.SIA-୨୫୭/NCDS ତା. ୧୬.୦୮.୨୦୨୫ ରିଖ ଦ୍ରଷ୍ଟବ୍ୟ ।

୫) ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ :- ପ୍ରକଳ୍ପ ପ୍ରଶାସକ, ପୁନର୍ବାସ ଓ ଥଇଥାନ(R&R), ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ରାୟଗଡ଼ ।

୬) ଜମିର ବିବରଣୀ: -

| କ୍ର. ନଂ | ଗ୍ରାମର ନାମ | ଗ୍ରାମ ପଞ୍ଚାୟତର ନାମ | ତହସିଲ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ମୋଟ ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧ | ବଡାପାଡ଼ି | ଗାଡିଶେଷଖାଲ | କୋଲନରା | ଗ୍ରାମାଞ୍ଚଳ | ଏଥିସହ ସଂଲଗ୍ନ ଅଛି | ଏଥିସହ ସଂଲଗ୍ନ ଅଛି | ଏଥିସହ ସଂଲଗ୍ନ ଅଛି | ଏ.୨.୬୬ | ଏ. ୦.୦୮ | ଏଥିସହ ସଂଲଗ୍ନ ଅଛି |

ଉକ୍ତ ଭୂମିର ଏକ ନକ୍ସା ତହସିଲଦାର ତଥା ଭୂ-ଅର୍ଜନ ଅଧିକାରୀ, କୋଲନରାଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ, ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ରାୟଗଡ଼ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶ କ୍ରମେ

ଜିଲ୍ଲାପାଳ, ରାୟଗଡ଼

| ଭୂମି ଅଧିଗ୍ରହଣ ଅନୁସୂଚୀ | | | | | | |
|---|---|---|---|---|---|---|
| ମୌଜା- ବଡାପଡି (ଗ୍ରାମାଞ୍ଚଳ), ତହସିଲ-କୋଲନରା , ଥାନା-ଚାନ୍ଦିଲି, ଥାନା ନଂ.୧ ଜିଲ୍ଲା-ରାୟଗଡ | | | | | | |
| ରାଣ୍ଡିକଣା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିମନ୍ତେ | | | | | | |
| ଖାତା ନଂ. | ସତ୍ୱ | କିସମ | ପ୍ଲଟ ନଂ. | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | ରୟତଙ୍କ ନାମ ପିତାଙ୍କ ନାମ/ସ୍ୱାମୀଙ୍କ ନାମ |
| ୧୫/୪୦ | ରୟତି | ଡଙ୍ଗର ଏକ | ୧୭୨ | ୧.୦୪ | ୦.୦୩ | କମଳି କଣ୍ଡାଗରୀ ସ୍ୱା- ଡୁମୁରି କଣ୍ଡାଗରୀ, କେମଶରାଓ କଣ୍ଡାଗରୀ ,ବିପିନ କଣ୍ଡାଗରୀ ,ଅଞ୍ଜ କଣ୍ଡାଗରୀ, ନୀଳିମା କଣ୍ଡାଗରୀ, ଅରାଲୁ କଣ୍ଡାଗରୀ ପି- ଡୁମୁରି କଣ୍ଡାଗରୀ,ଜା-କନ୍ଧ ,ବା- ବଡାପାଡି |
| ୭ | ରୟତି | ଡଙ୍ଗର ଏକ | ୧୭୪ | ୦.୫୦ | ୦.୦୨ | ନାନ୍ଦୁ କଣ୍ଡାଗରୀ , ହୁଇକା ସୀତାଇ, ପି- କଣ୍ଡାଗରୀ ମାଣି , ,ଜା-କନ୍ଧ ,ବା- ନିଜ ଗାଁ |
| ୧୨ | ରୟତି | ଡଙ୍ଗର ଏକ | ୧୭୫ | ୧.୧୨ | ୦.୦୩ | କମଳା ମିଣିଆକା ସ୍ୱା- ମିଣିଆକା ହରିନନ୍ଦ ,ଜଇ ମିଣିଆକା , ପ୍ରଶାନ୍ତ ମିଣିଆକା ,ଜଗେଶ ମିଣିଆକା ,ଇନ୍ଦ୍ର ମିଣିଆକା ,ରଶ୍ମୀ ମିଣିଆକା ପି – ମିଣିଆକା ହରିନନ୍ଦ, ଜା – କନ୍ଧ, ବା- ନିଜ ଗାଁ |
| ମୋଟ | | | | ୨.୬୬ | ୦.୦୮ | |

ଅସ୍ପଷ୍ଟ ଦସ୍ତଖତ

ତହସିଲଦାର ତଥା ଭୂ-ଅର୍ଜନ ଅଧିକାରୀ,
କୋଲନରା, ଜିଲ୍ଲା-ରାୟଗଡ଼

Memo No 894 /2026 Date- 25 / 06 /2026

Copy along with the land schedule to Notice Board, Collectorate, Rayagada/ Sub-Collector, Rayagada/ Tahasildar-cum-LAO, Kolnara/ Block Development Officer, Kolnara/ Sarpanch, GP-Gadiseshakhal for information and they are requested to publish the copy of 11(1) Notification in their notice board for wide acknowledgement of public.

**Collector, Rayagada**

Memo No 895 /2026 Date- 25 / 06 /2026

Copy along with the land schedule forwarded to the District e-Governance Manager, Rayagada for information and he is requested to publish the 11(1) Notification in the District Official Website.

**Collector, Rayagada**

Memo No 896 /2026 Date- 25 / 06 /2026

Copy along with the land schedule submitted to the Director, Printing Stationery and Publication, Odisha, Cuttack with a request to publish the Notification along with the land schedule in the next issue of E.O.G. and supply 3 copies of them to Revenue & D.M Department, Odisha/Collector, Rayagada / Secretary to RDC (SD), Berhampur.

**Collector, Rayagada**

Memo No 897 /2026 Date- 25 / 06 /2026

Copy along with land schedule submitted to the Director (Advertisement), I & PR Department, Odisha, Bhubaneswar with a request to take necessary steps for publication of the Notification along with the land schedule in two local dailies of which at least one shall be in the regional language and two copies of the said publication may please be furnished to this Collectorate immediately.

**Collector, Rayagada**

Memo No 898 /2026 Date- 25 / 06 /2026

Copy submitted to the RDC (SD), Berhampur / The Joint Secretary to Govt. in Revenue and D M Department, Odisha, Bhubaneswar / Additional Secretary to Govt., Water Resources Department, Odisha for kind information and necessary action.

**Collector, Rayagada**

Memo No 899 /2026 Date- 25 / 06 /2026

Copy forwarded to the Superintending Engineer, Minor Irrigation Division, Rayagada for information and necessary action.

**Collector, Rayagada**